## ଛାତ୍ରବତ୍ସଳ ଥିଲେ ବିନୋଦ ବିହାରୀ

ବାଲେଶ୍ୱର,୧୯।୮ (ମାନସ ବିଶ୍ୱାଳ)

ବାଲେଶ୍ୱର ସହର ବ୍ୟାସକବିନଗରସ୍ଥିତ ବିନୋଦ ଭବନରେ ଶିକ୍ଷାବିତ୍ ବିନୋଦବିହାରୀ ଦାସଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ତାଡ଼ଦା ହାଇସ୍କୁଲର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ କୁମାର ସେନାପତି ପୌରୋହିତ୍ୟ କରିଥିଲେ। ପୁରାତନ ଛାତ୍ର ତଥା ଆଇନଜୀବୀ ପର୍ଶୁରାମ ପ୍ରଧାନ ସଞ୍ଚାଳନ କରିଥିଲେ। ବିନୋଦବିହାରୀ ବାଲିଆପାଳର ପାଳପଡ଼ା ଅଞ୍ଚଳରେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରି ତାଡ଼ଦା ହାଇସ୍କୁଲରେ ଦୀର୍ଘ ୨୬ବର୍ଷ ଧରି ପ୍ରଧାନ ଶିକ୍ଷକ ଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ପ୍ରିୟଭାଜନ ଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷକ ପିତାମ୍ବର ସାହୁ, ଲକ୍ଷ୍ମଣ ସେନାପତି ଓ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇ ତାଙ୍କର ବହୁମୁଖୀ ପ୍ରତିଭା ବିଷୟରେ ବଖାଣିଥିଲେ। ବ୍ୟାସକବି ନଗର ବାସିନ୍ଦା ତଥା ବସ୍ତା କୋର୍ଟର ସରକାରୀ ଓକିଲ ଜିତେନ୍ଦ୍ର ଉପାଧ୍ୟାୟ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ସରସ୍ୱତୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ସୁଦର୍ଶନ ପ୍ରଧାନ, ମଧୁସୂଦନ ସାହୁ, ସୁଦର୍ଶନ ଦାସଅଧିକାରୀ, ନାରାୟଣ ମହାପାତ୍ର, ନଗେନ୍ଦ୍ର ପ୍ରଧାନ, ରବୀନ୍ଦ୍ର କୁମାର ଜେନା, କମଳଲୋଚନ ପ୍ରଧାନ, ବିଜୟ କୁମାର ଦତ୍ତ, ପ୍ରଫୁଲ୍ଲ ପ୍ରଧାନ, ପୁରୁଷୋତ୍ତମ ବାରିକ, ଉମେଶ ଚନ୍ଦ୍ର ଗିରି ପ୍ରମୁଖ ଯୋଗଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କବୟିତ୍ରୀ ଉର୍ମିଳା ଆଚାର୍ଯ୍ୟ କବିତା ପାଠ କରିଥିଲେ। ବୁଦ୍ଧଦେବ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବୁଢ଼ା, ଟୋକା ଓ ପିଲା ଗଣେଶ ଆକର୍ଷଣ


ବୁଢ଼ା ଗଣେଶ।


ଟୋକା ଗଣେଶ।


ପିଲା ଗଣେଶ।

ଭଦ୍ରକ, ୧୯।୯ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ସହରରେ ଭାଇଚାରାର ପର୍ବ ଗଣେଶ ପୂଜା। ଏଠାରେ ମାସେ ଧରି ପୂଜା ପାଳନ ହେବ। ମଙ୍ଗଳବାର ପ୍ରସିଦ୍ଧ ବୁଢ଼ା, ଟୋକା, ପିଲା, ଛୁଆ, କାଞ୍ଚନ, ଗଜାନନ ଗଣେଶ ପୂଜା ଆରମ୍ଭ ହୋଇଛି। ପୁରୁଣାବଜାରରେ ବୁଢ଼ା ଓ ଟୋକା ଗଣେଶ, କୁଆଁସରେ ପିଲା ଓ କାଞ୍ଚନ ଗଣେଶ ମୁଖ୍ୟ ଆକର୍ଷଣ ସାଜିଛି। ବୁଢ଼ା ଓ ଟୋକା ଗଣେଶ କମିଟି ପକ୍ଷରୁ ଢୋଲ, ମାଦଳ ବାଜା ସହ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ସାଳନ୍ଦୀ ନଦୀ ଘାଟରୁ ଘଟୋତ୍ତଳନ କରାଯାଇ ପୂଜା ଆରମ୍ଭ ହୋଇଥିଲା। ସୁନ୍ଦର ସାଜସଜ୍ଜା ଲୋକଙ୍କୁ ଆକୃଷ୍ଟ କରିଛି।

### ଭଦ୍ରକରେ ମାସେ ପୂଜା ପାଇବେ ଗଜାନନ

ପୁରୁଣାବଜାରରେ ପୂଜା ପାଉଛନ୍ତି ବୁଢ଼ା ଓ ଟୋକା ଗଣେଶ। କୁଆଁସରେ ପିଲା ଗଣେଶ, ଛୁଆ ଗଣେଶ, କାଞ୍ଚନ ଗଣେଶ ଓ ଗଜାନନ ଗଣେଶ ପୂଜା ପାଉଛନ୍ତି।

ଉଭୟ ହିନ୍ଦୁ ଓ ମୁସ୍‌ଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ପୂର୍ଣ୍ଣ ସହଯୋଗରେ ବହୁ ଧୁମ୍‌ଧାମରେ ପୂଜା ପାଆନ୍ତି ବୁଢ଼ା ଗଣେଶ। ମାସକ ଯାକ ସାହିର ପ୍ରତି ପରିବାର ପାଳି ଭୋଗ ଲାଗି କରିଥାନ୍ତି। ବୁଢ଼ା ଗଣେଶ କମିଟି ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ସାହୁ, ଉପଦେଷ୍ଟା ବିଦ୍ୟାଧର ସାହୁ ଓ ସହସମ୍ପାଦକ ପର୍ଶୁନାଥ ସାହୁ ପୂଜାର ନେତୃତ୍ୱ ନେଇଛନ୍ତି। ସେହିପରି ଟୋକା ଗଣେଶ ପୂଜା କମିଟି ସଭାପତି ହରିପ୍ରସାଦ ନନ୍ଦୀ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ପୂଜା ପରିଚାଳନା କରୁଛନ୍ତି। ପିଲା ଗଣେଶ କମିଟି ସଭାପତି ସଞ୍ଜୀବ ଦାସ, ସମ୍ପାଦକ ପ୍ରଭାତ ମହାନ୍ତିଙ୍କ ସମେତ ପ୍ରାକ୍ତନ କାଉନସିଲର ରବୀନ୍ଦ୍ର ବେହେରା, ଅବିନାଶ ପଟ୍ଟନାୟକ, ବାପୁ ଦାସ, ଅମରଜିତ୍ ରାୟ, ରାଜକୁମାର ସେଠୀ, ସୁରେନ୍ଦ୍ର ସେଠି, ଦିଲୀପ ଦାସ, ସନ୍ତୋଷ ସେଠୀ ପ୍ରମୁଖ କମିଟି ସଦସ୍ୟ ନେତୃତ୍ୱ ନେଇଛନ୍ତି। ୧୫ନଂ. ୱାର୍ଡରେ ପ୍ରାକ୍ତନ କାଉନସିଲର ଶୁଭଙ୍କର ମହାପାତ୍ର, ମାଧ ମହାପାତ୍ର ଓ ସୁମନ ମହାପାତ୍ରଙ୍କ ନେତୃତ୍ୱରେ ପୂଜା ପାଉଛନ୍ତି କାଞ୍ଚନ ଗଣେଶ। କୁଆଁସ ୧୬ ନଂ. ୱାର୍ଡରେ ଛୁଆ ଗଣେଶ ଓ ଗଜାନନ ଗଣେଶଙ୍କୁ ପୂଜାର୍ଚ୍ଚନା କରାଯାଉଛି। ଆଶିଷ ଅମିତାଭ ମହାପାତ୍ର, ଅତୀଶ କୁମାର ବେହେରା, ସୀତାଂଶୁ ଶେଖର ମହାପାତ୍ର, ଘାଉଲି ଜେନା, ଚନ୍ଦନ ନାୟକ, ଗଜାନନ କମିଟି ସଭାପତି ସୁନିଆ ନାୟକ, ସମ୍ପାଦକ ଶିବା ନାୟକ, ଷ୍ଟାଲିନ ମହାନ୍ତି, ଉପଦେଷ୍ଟା ରବିନାରାୟଣ ଖିଲାର ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ପୂଜା ମଣ୍ଡପ ନିକଟରେ ସଶସ୍ତ୍ର ପୋଲିସ ମୁତୟନ ରହିଛନ୍ତି। ସେହିପରି ଜିଲାର ବିଭିନ୍ନ ମଣ୍ଡପରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସହ ଯୁବକ ସଂଘରେ ପୂଜା ଅନୁଷ୍ଠିତ ହୋଇଛି।

## ୧୦୬ ବର୍ଷରେ ସିଦ୍ଧି ଗଣେଶ ପୂଜା


ମଣ୍ଡପରେ ପୂଜା ପାଉଛନ୍ତି ସିଦ୍ଧି ଗଣେଶ।

ଭଦ୍ରକ, ୧୯।୯ (ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତ ଅରଞ୍ଜି ଗାଁରେ ସିଦ୍ଧି ଗଣେଶ ପୂଜା ଚଳିତବର୍ଷ ୧୦୬ ବର୍ଷରେ ପହଞ୍ଚିଛି। ସ୍ୱର୍ଗତ ଗଙ୍ଗାଧର ମହାପାତ୍ର ପ୍ରଥମେ ଏହି ପୂଜା ଆରମ୍ଭ କରିଥିଲେ। ପରେ ତାଙ୍କ ପୁତ୍ର ଯଦୁନାଥ ମହାପାତ୍ର, ଏବେ ଶରତ ଚନ୍ଦ୍ର ମହାପାତ୍ର ଏବଂ ସୁଧାକର ମହାପାତ୍ର ପୂଜା ଆୟୋଜନ କରୁଛନ୍ତି। ଏହି ମଣ୍ଡପରେ ୫ଦିନ ଧରି ସିଦ୍ଧି ଗଣେଶ ପୂଜା ପାଇବେ। ପ୍ରତି ସନ୍ଧ୍ୟାରେ ଭଜନ କୀର୍ତ୍ତନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ପ୍ରଶାନ୍ତ ମହାପାତ୍ର କହିଛନ୍ତି।

## ପୂଜା ମଣ୍ଡପରେ ଚନ୍ଦ୍ରଯାନର ଝଲକ



ତ୍ରିଲୋଚନେଶ୍ୱର ପୂଜା କମିଟି ମଣ୍ଡପ।

ବନ୍ତ, ୧୯।୯ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଗଣେଶ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଗରପଡ଼ାସ୍ଥିତ ତ୍ରିଲୋଚନେଶ୍ୱର ପୂଜା କମିଟି ପକ୍ଷରୁ ନିଆରା ଢଙ୍ଗରେ ପୂଜା ଅନୁଷ୍ଠିତ ହୋଇଛି। ଶିଳ୍ପୀ ପଦ୍ମନାଭ ସେଠୀଙ୍କ କଳାକୃତିରେ ଗଢ଼ା ଟେରାକୋଟା କାରୁକାର୍ଯ୍ୟରେ ନିର୍ମିତ ବିଘ୍ନରାଜଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଛି। ଏହି ପୂଜା ମଣ୍ଡପରେ ଚନ୍ଦ୍ରଯାନର ଝଲକ ଦେଖିବାକୁ ମିଳିଛି। ବାବୁରାମ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଦୀପ ସେଠୀ, ଶ୍ରୀତମ ସିଂହ, ଗୋବିନ୍ଦ ଚନ୍ଦ୍ର ସିଂହ, ରବି ବେହେରା, ଚିକୁ ସିଂହ, ଦେବଜ୍ୟୋତି ସାହୁ, ଆୟୁଷ ସେଠୀ, କାହ୍ନୁ ସିଂହ, କହ୍ନେଇ ସିଂହ, ଦଶରଥ ସିଂହ, ଶୁଭମ ସିଂହ, ମନୋଜିତ ଶଙ୍ଖୁଆ, ସିପା ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ, ସରକାରୀ ହାଇସ୍କୁଲ, ବାଳିକା ହାଇସ୍କୁଲ, ନିଳୋକ ହାଇସ୍କୁଲ, ବାବାଜି ଚରଣ ସଂସ୍କୃତ ବିଦ୍ୟାଳୟ, ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ସାଧନା ବିଦ୍ୟାମନ୍ଦିର, ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଗଡଚଣ୍ଡି ଉ.ପ୍ରା. ବିଦ୍ୟାଳୟ, ନିଳୋକ, କୁମ୍ଭାରିଆ ଆଦି ସ୍ଥାନରେ ପୂଜା ଅନୁଷ୍ଠିତ ହୋଇଥିଲା।

## ଢେଙ୍କିକୋଟରେ ଗଣେଶ ପୂଜା



ଢେଙ୍କିକୋଟ, ୧୯।୯ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏଠାରେ ଥିବା ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ସାଙ୍ଗକୁ ବିଭିନ୍ନ ଅନୁଷ୍ଠାନରେ ଗଜାନନଙ୍କ ପୂଜା ହେଉଥିବା ବେଳେ ମା' ତାରିଣୀ କ୍ଲବ, ମଣ୍ଡଳସାହି ଜନମଙ୍ଗଳ ଯୁବକ ସଂଘ ତଳସାହି, ବିନ୍ଦାସ କ୍ଲବ ଏବଂ ଦିଲ୍‌ଦାର କ୍ଲବ ମଧ୍ୟରେ ମେଢ଼ ସାଙ୍ଗକୁ ସାଜସଜ୍ଜା ଏବଂ ମୂର୍ତ୍ତିକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହୋଇ ପୂଜା କରିଥାନ୍ତି। ଚଳିତବର୍ଷ ବିନ୍ଦାସ କ୍ଲବ ଠାକୁରଙ୍କ ମୂର୍ତ୍ତି ଓ ଆଲୋକ ସାଜସଜ୍ଜା ଲୋକଙ୍କୁ ଆକୃଷ୍ଟ କରିଛି। କ୍ଲବ ସଭାପତି ସୁଶାନ୍ତ ସେନାପତି, ସମ୍ପାଦକ ସନ୍ତୋଷ ନାୟକ, କୋଷାଧ୍ୟକ୍ଷ ଦୀପକ ମିଶ୍ର ପରିଚାଳନା କରୁଛନ୍ତି। ସଦସ୍ୟ କାଳିଆ ମହାକୁଡ଼, ପଦ୍ମାସନ ମହାକୁଡ଼, ମାନସ ଓଝା, ଅଜିତ କୁମାର ରାଉଳ, ସୁବ୍ରତ କୁମାର ନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

## ମନ ଜିଣିଲେ ଅଷ୍ଟମ ଶ୍ରେଣୀ ଛାତ୍ର ଆଶିଷ

### ପୂଜା ପାଇଲେ ତାଙ୍କ ହାତ ତିଆରି ଗଣେଶ ମୂର୍ତ୍ତି

ବାରିପଦା, ୧୯।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଆଶିଷ ବିଶ୍ୱାଳଙ୍କ ହାତ ତିଆରି ଗଣେଶ ମୂର୍ତ୍ତି ପୂଜା ପାଇଛନ୍ତି। ପୂର୍ବବର୍ଷ ପରି ଏ ବର୍ଷ ମଧ୍ୟ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ନିମନ୍ତ୍ରିତ ଅତିଥି ଆଶିଷଙ୍କ ଏହି କଳାକୃତି ପାଇଁ ବେଶ ପ୍ରଶଂସା କରିଛନ୍ତି। ଜଣେ ଚିତ୍ରଶିଳ୍ପୀ ଭାବେ ସେ ବହୁବାର ଜିଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ବର୍ତ୍ତମାନ ସେ ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲରେ ରହି ପାଠ ପଢୁଥିଲେ ମଧ୍ୟ ତାଙ୍କର ଅତୀତ ଅତି ଦୁଃଖରେ କଟିଛି। ଉଦଳାର କୁଣ୍ଡାବାଇ ନିକଟସ୍ଥ ବଳଭଦ୍ରପୁର ଗ୍ରାମରେ ପିତା ଚନ୍ଦ୍ରମଣି ବିଶ୍ୱାଳ ଓ ମାତା ମାଳତୀଙ୍କ ପୁଅ ଆଶିଷ ମାତ୍ର ୪ ବର୍ଷ ବୟସରେ ନିଜ ମା'ଙ୍କୁ ହରାଇଥିଲେ। ଦିନମଜୁରୀ କରି ବାପା ଦୁଇ ପୁଅ ଓ ଗୋଟିଏ ଝିଅର ପ୍ରତିପୋଷଣ କରିଥିଲେ। ଦୁଇ ଭାଇ ଭଉଣୀଙ୍କ ଯତ୍ନ ନେବାପାଇଁ ଦ୍ୱିତୀୟ ଶ୍ରେଣୀରୁ ପାଠପଢା ଛାଡ଼ିଥିଲେ ଆଶିଷ। ଏହି ସମୟରେ ଜୁଆଳିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିପିକା ପଟ୍ଟନାୟକ ତାଙ୍କୁ ନେଇ ସ୍କୁଲ ପରିସରରେ ଥିବା ହଷ୍ଟେଲରେ ରଖି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାର ବ୍ୟବସ୍ଥା କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ। ପାଠପଢା ସହ ବିଦ୍ୟାଳୟର କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡିଙ୍କ ପ୍ରେରଣାରେ ସେ ବିଦ୍ୟାଳୟ ତଥା ଜିଲା ପାଇଁ ସୁନାମ ଆଣିପାରିଛନ୍ତି। ମାତ୍ର ଏହି ବିଦ୍ୟାଳୟରେ ତାଙ୍କର ଏହା ଶେଷ ବର୍ଷ। ଏହାପରେ ପରବର୍ତ୍ତୀ ଶିକ୍ଷା ଓ ପ୍ରଶିକ୍ଷଣ କିପରି ପ୍ରଦାନ କରାଯିବ ସେଥିପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଚିନ୍ତା ପ୍ରକଟ କରିଛନ୍ତି। ଗଣେଶ ପୂଜାକୁ ଅତିଥି ଭାବେ ଆସିଥିବା ସୁଜିତ କୁମାର ସାହୁ ଭବିଷ୍ୟତରେ ତାଙ୍କ ପାଠପଢ଼ା ଦାୟିତ୍ୱ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ନିଜେ ଗଢ଼ିଥିବା ଗଣେଶ ମୂର୍ତ୍ତି ସହ ଆଶିଷ।

## ପୂଜା ପାଇଲେ ଅଗ୍ରପୂଜ୍ୟ

ଚମ୍ପୁଆ, ୧୯।୯ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅଗ୍ରପୂଜ୍ୟ, ବିଦ୍ୟାଦାତା ଶ୍ରୀଗଣେଶଙ୍କ ପୂଜା ପାଳିତ ହୋଇଯାଇଛି। ଚମ୍ପୁଆ, ରିମୁଲି, କରଞ୍ଜିଆ, ଜାମୁଦଳକ, କୋଦଗାଡ଼ିଆ, ସୁନାପଶି, କୁଟାରପଶି ଆଦି ଅଞ୍ଚଳରେ ଯୁବକସଂଘ ପକ୍ଷରୁ ପୂଜା ପାଳନ କରାଯାଇଛି। ବିଭିନ୍ନ ସ୍ଥାନରେ ପୂଜା କମିଟି ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଚମ୍ପୁଆ ଅଞ୍ଚଳର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହତାବ ଉଚ୍ଚ ବିଦ୍ୟାଳୟ, କେରଳା ଇଂରାଜୀ ମାଧ୍ୟମ ସ୍କୁଲ, ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏମ୍‌ବିଏସ୍ କିଡ୍‌ସ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନରେ ଅଗ୍ରପୂଜ୍ୟଙ୍କ ପୂଜା ପାଳନ କରାଯାଇଥିଲା।

## ଗାଁଠୁ ସହର ଉତ୍ସବମୁଖର

### ୫୦ହଜାରରୁ ଊର୍ଦ୍ଧ୍ୱ ରୁଦ୍ରାକ୍ଷରେ ୧୫ ଫୁଟର ଗଣେଶ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା (ସନ୍ତୋଷ ବାଛିନୀ)/ମୋରଡ଼ା (ସ୍ମାରକ ମାଝୀ)/ରାଇରଙ୍ଗପୁର (ମାନସ ମହାନ୍ତି), ୧୯।୯

ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଲାଗି ମୟୂରଭଞ୍ଜ ଜିଲାର ଗାଁଠୁ ସହର ଉତ୍ସବ ମୁଖର ହୋଇପଡ଼ିଛି। ବାରିପଦା ସହରର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଛି। ସହରର ତୁଳସୀ ଚଉରା ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ୫୦ହଜାରରୁ ଊର୍ଦ୍ଧ୍ୱ ରୁଦ୍ରାକ୍ଷରେ ନିର୍ମିତ ୧୫ଫୁଟର ଗଜାନନଙ୍କୁ ଦେଖିବା ପାଇଁ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ସେହିପରି ସହରର ଲାଲବଜାର ରାଜା, ଗାନ୍ଧିପାର୍କ, ଆଶ ମିଶ କ୍ଲବ ମାର୍କେଟ, ଭଞ୍ଜପୁର ଆଦି ସ୍ଥାନରେ ଆଲୋକମାଳାରେ ସୁସଜ୍ଜିତ ତୋରଣଗୁଡ଼ିକ ଦେଖିବା ପାଇଁ ଜନଗହଳି ପରିଲକ୍ଷିତ ହେଉଛି। କପ୍ତିପଦା ଏବଂ ଉଦଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଉଦଳା ସହରର ପ୍ରାୟ ୩୭ ସ୍ଥାନରେ ବିଘ୍ନରାଜଙ୍କର ଅସ୍ଥାୟୀ ମେଢ ନିର୍ମାଣ କରାଯାଇ ପୂଜାର୍ଚ୍ଚନା ଜାରି ରହିଛି। ନୂଆସାହି ଶାନ୍ତିକପୋତ କ୍ଲବ, ହାଇସ୍କୁଲ ଛକ ଗଣେଶ ପୂଜା କମିଟି, ମେଣ୍ଟାଖାଇ ପୂଜା କମିଟି, ନବଜ୍ୟୋତି କ୍ଲବ, ଡାଇମଣ୍ଡ କ୍ଲବ ପକ୍ଷରୁ ପୂଜା ଅନୁଷ୍ଠିତ ହୋଇଯାଇଛି। ମୋରଡା ବ୍ଲକର ସଦର ମହକୁମା ଚିତ୍ରଡ଼ାର ସାପ୍ଲାଇଛକ, ହଳଦୀପାଳ, ରାଜାବନ୍ଧ, ଉତ୍ତରସାହିର ତଳସାହି, ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ, ଚିତ୍ରଡା ଜବାହର ବିଦ୍ୟାପୀଠ, ମାଳିହତା, ମୋରଡା ଆଦର୍ଶ ବିଦ୍ୟାଳୟ, ଝିଙ୍କିରିଆ ଆଦି ସ୍ଥାନରେ ପୂଜା ଅନୁଷ୍ଠିତ ହୋଇଛି। ଚିତ୍ରଡାସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସେଣ୍ଟର 'ରୁରାଲ ଏକାଡେମୀ'ରେ ଧୁମଧାମରେ ଗଣେଷ ପୂଜା ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟାପକ ସ୍ମାରକ ମାଝୀ, ଅଧ୍ୟାପିକା ହରିପ୍ରିୟା ଜେନା, ଶ୍ୟାମସୁନ୍ଦର ସାହୁ, ତନ୍ମୟ ବେହେରା, ଆଶୁତୋଷ ମହାନ୍ତ ଓ ପରିଚାଳକ ପିତ୍ତରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରାଇରଙ୍ଗପୁର ସବ୍‌ଡିଭିଜନର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳର ସମସ୍ତ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।



ବାରିପଦା ତୁଳସୀ ଚଉରା ଫ୍ରେଣ୍ଡସ କ୍ଲବ ପକ୍ଷରୁ ନିର୍ମିତ ମାଦଳ ଆକୃତିର ତୋରଣ।

## ବିଭିନ୍ନ ସ୍ଥାନରେ ଗଜାନନଙ୍କୁ ଆରାଧନା

ଖଇରା (ଉତ୍କଳବନ୍ଧୁ ପଣ୍ଡା)/ ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୧୯।୯

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ସିଦ୍ଧିଦାତାଙ୍କ ପୂଜାର୍ଚ୍ଚନା ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଖଇରା ଦୁର୍ଗାମଣ୍ଡପ ପରିସରରେ ଲିଜେଣ୍ଡ ଲାୟନ୍ସ କ୍ଲବ ଓ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ପୃଥକ ୨ ପୂଜା ପେଣ୍ଡାଲରେ ଗଣପତିଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଲିଜେଣ୍ଡ କ୍ଲବ ସଭାପତି ବିସ୍ମୟ ନାୟକ ଓ ବାଦଲ ପଣ୍ଡାଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ ନବକିଶୋର ଦାଶ, ରାଜେଶ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ପ୍ରଭୁ ଲମ୍ବୋଦରଙ୍କ ଷୋଡଶ ଉପଚାର ପୂଜା ଆୟୋଜନ କରାଯାଇଥିଲା। ସମ୍ପାଦକ ଜଗନ୍ନାଥ ପାଣିଗ୍ରାହୀ ଓ ସମସ୍ତ ସଦସ୍ୟ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସେହିଭଳି ଖଇରା ଗଣେଶ ପୂଜା କମିଟି ଦ୍ୱାରା ନିର୍ମିତ ମେଢରେ ଟିକିନା ପତ୍ରୀ ଓ ଆଦିକନ୍ଦ ପଣ୍ଡା ଅଗ୍ରପୂଜ୍ୟଙ୍କର ପୂଜାର୍ଚ୍ଚନା କରିଥିଲେ। ବର୍ଣ୍ଣି ମହାପାତ୍ର, ସରୋଜ କୁଅଁରଙ୍କ ଦ୍ୱାରା ଘଟ ଉତ୍ତୋଳନ କରାଯାଇଥିଲା। ପ୍ରତ୍ୟେକ ଦିନ ଭଜନ କୀର୍ତ୍ତନ କରାଯିବାର କାର୍ଯ୍ୟକ୍ରମ ଥିବା ବେଳେ ୨୬ତାରିଖରେ ଜାକଜମକରେ ଭସାଣି ହେବ। ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଧୁମଧାମରେ ପାଳିତ ହୋଇଛି। ଲଙ୍ଗଳେଶ୍ୱର ବଜାରରେ ହର ପାର୍ବତୀ ଯୁବକ ସଙ୍ଘ ଆନୁକୂଲ୍ୟରେ ବର୍ଣ୍ଣାଢ଼୍ୟ ପରିବେଶରେ ପୂଜା ଅନୁଷ୍ଠିତ ହୋଇଥିଲା। ଅଗଣିମଣି ମହାବିଦ୍ୟାଳୟ, ପଞ୍ଚୁପାଲି କମଳକୁମାରୀ ସଂସ୍କୃତ ମହାବିଦ୍ୟାଳୟ, ଦୁର୍ଗା ପ୍ରସନ୍ନ ଜୁନିୟର କଲେଜ, ସଚିନ୍ଦ୍ର କୁମାର ଯଶୋଦାମଣି ଉଚ୍ଚ ବିଦ୍ୟାଳୟ, ସିଟି ସ୍କୁଲ, ହରପ୍ରସାଦ ହାଇସ୍କୁଲ, ଜମ୍ବିରାଇ ବ୍ରହ୍ମାନନ୍ଦ ହାଇସ୍କୁଲ, ଲଙ୍ଗଳେଶ୍ୱର ସରସ୍ୱତୀ ଶିଶୁମନ୍ଦିର, ଜ୍ଞାନବିଜ୍ଞାନ ବିଦ୍ୟାମନ୍ଦିର, କାଳସିମୁଳି, ଦ୍ୱାରିକା ବିଦ୍ୟାଳୟ, ରତାଇ, କାଉମାରି କରଞ୍ଜ, ଭିକାଗଡ଼ିଆ, ସୁନାରୁଇ ବିଦ୍ୟାଳୟରେ ଧୁମ୍‌ଧାମ୍‌ରେ ପୂଜା ଅନୁଷ୍ଠିତ ହୋଇଛି। ଏହାବ୍ୟତୀତ ବିଭିନ୍ନ ଗ୍ରାମରେ ଥିବା କ୍ଲବ, ଜାଗରଣ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବହୁ ଅନୁଷ୍ଠାନରେ ବାବା ଗଜାନନଙ୍କ ପୂଜା ଉତ୍ସାହର ସହ ପାଳିତ ହୋଇଯାଇଛି।


ଲଙ୍ଗଳେଶ୍ୱରରେ ପୂଜା ପାଉଥିବା ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।


ଖଇରାରେ ଲିଜେଣ୍ଡ କ୍ଲବ ଦ୍ୱାରା ପ୍ରସ୍ତୁତ ବକ୍ରତୁଣ୍ଡଙ୍କ ମୃଣ୍ମୟ ମୂର୍ତ୍ତି।


ରୂପସା ନୀଳମଣି କଲେଜରେ ପୂଜା ପଉଥିବା ଗଣେଶ।

